Chapter- 4

# ନୂଆଖାଇ

**WORKSHEET**

୧. ନିମ୍ନ ଅନୁଚ୍ଛେଦଟି ପଢ଼ି ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖ।

ଜାପାନରେ ସଭାସମିତି ନିର୍ଦ୍ଧାରିତ ସମୟରେ ଆରମ୍ଭ ହୁଏ ଓ ଶେଷ ହୁଏ। ଜାପାନୀମାନେ ଭାଷଣକୁ ପସନ୍ଦ କରନ୍ତି ନାହିଁ। ସେମାନେ ଖୁବ୍ କମ୍ କଥା କହନ୍ତି ଓ ସଭାର ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚନ୍ତି। ଜାପାନୀମାନେ ସ୍ୱଭାବରେ ଅତି ସରଳ ଓ ନମ୍ର। ସେମାନେ ଅଭିବାଦନ ଜଣାଇଲା ବେଳେ ପୂରା ଅଣ୍ଟାଠାରୁ ନଇଁ ସମ୍ମାନ ଜଣାଇଥା'ନ୍ତି। ନୀରବତା ମାଧ୍ୟମରେ ସେମାନେ ବହୁତ କିଛି ପ୍ରକାଶ କରିପାରନ୍ତି। ସେମାନେ ଛୋଟ ଛୋଟ କଥା ପାଇଁ ଅନ୍ୟକୁ ପ୍ରଶଂସା କରନ୍ତି। ଜାପାନୀଙ୍କଠାରୁ ଅନେକ କଥା ଶିଖିବାର ଅଛି। ଭ୍ରମଣ ପାଇଁ ଜାପାନ ଯେମିତି ଗୋଟିଏ ସୁନ୍ଦର ଦେଶ, ଶିଖିବା ପାଇଁ ସେମିତି ଗୋଟିଏ ପ୍ରକୃଷ୍ଟ ସ୍ଥାନ।

କ) କେଉଁମାନେ ଖୁବ୍ କମ୍ କଥା କହନ୍ତି ?

ଉ: ଜାପାନୀମାନେ ଖୁବ୍ କମ୍ କଥା କହନ୍ତି।

ଖ) କେଉଁମାନେ ଭାଷଣକୁ ପସନ୍ଦ କରନ୍ତି ନାହିଁ ?

ଉ: ଜାପାନୀମାନେ ଭାଷଣକୁ ପସନ୍ଦ କରନ୍ତି ନାହିଁ।

ଗ) ଜାପାନରେ କେତେବେଳେ ସଭାସମିତି ଆରମ୍ଭ ହୋଇଥାଏ ?

ଉ: ଜାପାନରେ ସଭାସମିତି ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇଥାଏ

ଘ) ଜାପାନୀମାନେ ସ୍ୱଭାବରେ କିପରି ?

ଉ: ଜାପାନୀମାନେ ସ୍ୱଭାବରେ ଅତି ସରଳ ଓ ନମ୍ର।

ଙ) 'ଅନେକ'ର ବିପରୀତ ଶବ୍ଦ ଲେଖ।

ଉ: ଅଳ୍ପ

୨. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ।

କ) "ପୂଜା ଶେଷରେ ଘରର ସମସ୍ତେ ଗୋଟିଏ ସ୍ଥାନରେ ବସନ୍ତି।"

i) କେଉଁ ପର୍ବରେ ପୂଜା ଶେଷରେ ଘରର ସମସ୍ତେ ଗୋଟିଏ ସ୍ଥାନରେ ବସନ୍ତି ?

ଉ: ନୂଆଖାଇ ପର୍ବରେ ପୂଜା ଶେଷ ଶେଷରେ ଘରର ସମସ୍ତେ ସ୍ଥାନରେ ୧ ବସନ୍ତି

ii) ଉପରୋକ୍ତ ବାକ୍ୟଟି କେଉଁ ବିଷୟରୁ ଆସିଛି ?

ଉ: ଉପରୋକ୍ତ ବାକ୍ୟଟି ନୂଆଖାଇ ବିଷୟରୁ ଆସିଛି।

iii) ଏହି ବିଷୟର ଲେଖକଙ୍କ ନାମ କ'ଣ ?

ଉ: ଏହି ବିଷୟର ଲେଖକଙ୍କ ନାମ ହେଲା ବିପିନ ବିହାରୀ ଦାସ।

୩. ନିମ୍ନ ଶବ୍ଦକୁ ଯୋଗକରି ବାକ୍ୟଗଠନ କର।

ଆନନ୍ଦ - ମୁଁ ଆନନ୍ଦରେ ଘରକୁ ଫେରିଲି।

ପୂଜାପାଠ - ମାମେଁ ପୂଜାପାଠ କରନ୍ତି।

ପରିବାପତ୍ର - ମୁଁ ବଜାରରୁ ପରିବାପତ୍ର ଆଣିଛି।

୪. ନିମ୍ନ ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କର।

ବୁଢ଼ା - ବୁଢ଼ୀ

ନର - ନାରୀ

ଝିଅ - ପୁଅ

ଠାକୁର- ଠାକୁରାଣୀ

ଇଷ୍ଟଦେବୀ - ଇଷ୍ଟଦେବ / ଦେବତା

୫. ମଧ୍ୟ ଅକ୍ଷର 'ଞ୍ଜ' ଯୋଗ କରି ୪ଟି ଶବ୍ଦ ଲେଖ।

ମଞ୍ଜମ ଠଞ୍ଜଣ

ଅଞ୍ଜଳ ଠିଞ୍ଜଳ

♦♦♦